# Akashvani, Sambalpur

## SAMBALPURI NEWS BULLETIN

### 16 September 2024- 6.47- 6.52 am.

*********************************************

ପ୍ରଧାନ୍‌ମନ୍ତ୍ରୀ- ଓଡ଼ିଶାଗସ୍ତ       ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ଓଡ଼ିଶା ଆସୁଛନ୍ । ଭୁବ୍‌ନେଶ୍ୱର୍ ଜନତା ମଇଦାନ୍ ଠାନେ ସୁଭଦ୍ରା ଯୋଜ୍‌ନାର୍ ଶୁଭାରମ୍ଭ କର୍‌ବାର୍ ସହେତେ ଜନସଭାକେ ସେ ସମ୍ବୋଧନ୍ କର୍‌ବେ । ଇ ଗସ୍ତ ସମିଆଥି ପ୍ରଧାନ୍‌ମନ୍ତ୍ରୀ ପି.ଏମ୍. ଆବାସ ଯୋଜ୍‌ନାର୍ ହିତାଧିକାରୀମାନ୍‌କୁ ଭିଲ୍ କାର୍ଯ୍ୟାଦେଶ୍ ବାଂଟ୍‌ବେ । ପି.ଏମ୍. ଆବାସ୍ ଯୋଜ୍‌ନାର୍ ପହେଲା କିସ୍ତି ବାବ୍‌ଦେ ୩ ହଜାର୍ ଶହେ ୮୦ କୋଟି ଟଙ୍କା ଭିନ୍ ଭିନ୍ ରାଜ୍ୟର୍ ୧୦ ଲାଖ୍ ହିତାଧିକାରୀମାନ୍‌କର୍ ବେଙ୍କ୍ ଏକାଉଂଟ୍‌କେ ଡିଜିଟାଲ୍ ଜରିଏ ଦିଆଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ କାର୍ଯ୍ୟକ୍ରମ୍ ଅବ୍‌ସରେ ହଜାର୍ ହଜାର୍ ସଂଖ୍ୟାଥି ମହିଳାମାନେ ସାମିଲ୍ ହେବେ । ହେଥିର୍‌ଲାଗି କାର୍ଯ୍ୟକ୍ରମ୍‌ଥି ଭିଡ଼୍ ନିୟନ୍ତ୍ରଣ୍ ସହେତେ ଶାନ୍ତିଶୃଙ୍ଖଳା ରକ୍ଷା ଉପ୍‌ରେ ବିସ୍ତୃତ୍ ଭାବେ ଆଲୋଚନା ହେଇଛେ ।

ପ୍ରଧାନ୍‌ମନ୍ତ୍ରୀଙ୍କର୍ କାର୍ଯ୍ୟକ୍ରମ୍‌କେ ଠିକ୍ ଭାବେ ପରିଚାଳନା ଲାଗି ରାଜ୍ୟ ସର୍‌କାର୍ ୫୦ ଝନ୍ ଅଧିକାରୀଙ୍କୁ ନିୟୋଜିତ କରିଛନ୍ । ଇ ଗସ୍ତ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଚନ୍ଦ୍ରଶେଖର୍‌ପୁର୍‌ର ଗାଡ଼୍‌କଣ ଶବର ସାହି ନ ପି.ଏମ୍. ଆବାସ ଯୋଜ୍‌ନାର୍ ହିତାଧିକାରୀମାନ୍‌କୁ ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନା ଘର୍‌ର ଚାବି ଦେବାର୍ କାର୍ଯ୍ୟକ୍ରମ୍ ଭିଲ୍ ରହିଛେ ।

ବନ୍ଦେ ଭାରତ୍ ଏକ୍ସପ୍ରେସ        ଆର୍‌ଏନ୍‌ୟୁ /ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଅହମ୍ମଦାବାଦ୍‌ନୁ ଦୁର୍ଗ-ବିଶାଖାପାଟ୍‌ନମ୍ ବନ୍ଦେ ଭାରତ୍ ଏକ୍ସପ୍ରେସ୍‌ର ଶୁଭାରମ୍ଭ କର୍‌ବେ । ଇ ଟ୍ରେନ୍ ଓଡ଼ିଶାର୍ ଟିଟିଲାଗଡ଼୍ ଦେଇକରି ଯିବା । ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍ ପ୍ରଧାନ୍‌ମନ୍ତ୍ରୀ ଓଡ଼ିଶା ନ ୨ ଟା ସହେତେ ୬ ଟା ବନ୍ଦେ ଭାରତ୍ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କରିଥିଲେ ।

ରେଲ୍ ସଂଯୋଗ୍- ମୁଖ୍ୟମନ୍ତ୍ରୀ        ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶାର ଗୁଟେ ଜୁଡ଼େ ଜିଲ୍ଲାକେ ଛାଡ଼ିଦେଲେ ବାକି ସବୁ ଜିଲ୍ଲାମାନ୍‌କେ ରେଲ୍ ସଂଯୋଗ୍ ହେଇସାରିଛେ । ବହୁତ୍ ଜଲ୍‌ଦି

ରାଜ୍ୟର୍ ସବୁ ଜିଲ୍ଲା ସଦର୍ ମହକୁମାକେ ରେଲ୍ ସଂଯୋଗ୍ କରାଯିବା । ଆଉ ଆଏବା ଦିନେ ଉପଖଣ୍ଡସ୍ତରତକ୍ ରେଲ୍ ସଂଯୋଗୀକରଣ୍ ଲାଗି ଲକ୍ଷ୍ୟ ରଖାଯାଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଗଲାକାଏଲ୍ ବ୍ରହ୍ମପୁର୍- ଟାଟା ନଗର୍ ବନ୍ଦେ ଭାରତ୍ ଏକ୍ସପ୍ରେସ୍‌ଥି ଭୁବ୍‌ନେଶ୍ୱର୍ ଫିର୍‌ବାର୍ ସମିଆଥି ସାମ୍ବାଦିକ୍ ମାନ୍‌କୁ ସେ କହିଛନ୍ ଯେ, ଓଡ଼ିଶା ନ ରେଲ୍ ବିକାଶ୍‌ର ସୁବର୍ଣ୍ଣ ସୁଯୋଗ୍ ମୁଲ୍ ହେଇଛେ । ଦିଲ୍ଲୀ ଗସ୍ତ ସମିଆଥି ସେ କେନ୍ଦ୍ର ରେଲ୍‌ମନ୍ତ୍ରୀଙ୍କର୍ ସହେତେ ଓଡ଼ିଶାର୍ ରେଲ ବିକାଶ୍ ବାବ୍‌ଦେ ଆଲୋଚନା କରିଥିଲେ ।

ମୁଖ୍ୟମନ୍ତ୍ରୀ- ଅଭିଯୋଗ୍ ଶୁଣାଣି ବନ୍ଦ୍     ଆର୍‌ଏନ୍‌ୟୁ/ କଟକ୍

ଭୁବନେଶ୍ୱର୍ ଠାନେ ହେବାର୍‌କେ ଥିବାର୍ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ଆଏଜ୍ ବନ୍ଦ୍ ରହେବା । ପୈଗମ୍ବର୍ ମହମ୍ମଦ୍‌ଙ୍କର୍ ଜୟନ୍ତୀ ପଡୁଥିବାର୍‌ନୁ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ବିଶ୍ୱକର୍ମା ପୂଜା     ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ହେଉଛେ ଦେବ ଶିଳ୍ପୀ ବିଶ୍ୱକର୍ମାଙ୍କର୍ ପୂଜା । ଆଏଜ୍ ଦେଶର୍ ସବୁ କାରିଗରି ଆର୍ ଇଞ୍ଜିନିୟରିଂ ସଂସ୍ଥା, ଶିକ୍ଷାନୁଷ୍ଠାନ୍ ଆଉ କଲ୍‌କାର୍‌ଖାନାମାନ୍‌କେ ବିଶ୍ୱକର୍ମାଙ୍କର୍ ପୂଜା କରାଯାଉଛେ । ଘର୍‌ମାନ୍‌କେ ଆଏଜ୍ ଗାଡ଼ିମଟର୍ ଆଉ ବେଭାର୍ ହେଉଥିବାର୍ ଛୋଟ୍ ବଡ଼ ମିସିନ୍ ମାନ୍‌କୁ ପୂଜା କରାଯିବା । ପଶ୍ଚିମ ଓଡ଼ିଶାର୍ ଶିଳ୍ପ ସହର୍ ହୀରାକୁଦ୍, ଝାର୍‌ସୁଗୁଡ଼ା, ବ୍ରଜରାଜନଗର୍, ରାଉର୍‌କେଲା, ବେଲପାହାଡ଼୍, ରାଜ୍‌ଗାଙ୍ଗ୍‌ପୁର୍, ଲାଞ୍ଜିଗଡ଼୍ ଆର୍ ଅଲ୍‌ଗା ଜାଗା ମାନ୍‌କେ ବିଶ୍ୱକର୍ମା ପୂଜାର୍ ଲାଗି ଜବର୍ ଆୟୋଜନ୍ କରାଯାଇଛେ ।

ମହମ୍ମଦ୍ ଜୟନ୍ତୀ ଆର୍‌ଏନ୍‌ୟୁ ସମ୍ବଲପୁର୍

ଇସ୍‌ଲାମ୍ ଧର୍ମକେ ମାନୁଥିବା ଲୁକେ ଆଏଜ୍ ପୈଗମ୍ବର୍ ମହମ୍ମଦ୍‌ଙ୍କର୍ ପବିତ୍ର ଜୟନ୍ତୀ ପାଲନ୍ କରୁଛନ୍ । ଇ ଅବ୍‌ସରେ ରାଜ୍ୟପାଲ୍ ରଘୁବର୍ ଦାସ ରାଜ୍ୟର୍ ସବୁ ମୁସଲ୍‌ମାନ୍ ଭାଏ ବହେନ୍‌ଙ୍କୁ ଶୁଭେଚ୍ଛା ଆଉ ଅଭିନନ୍ଦନ୍ ଜନେଇଛନ୍ । ସେନ୍ତା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁସଲ୍‌ମାନ୍

ଭାଏବହେନ୍‌ମାନ୍‌କୁ ଶୁଭେଚ୍ଛା ଜନାବାର୍ ସହେତେ ସେମାନ୍‌କର୍ ସୁଖ ଶାନ୍ତି ଆଉ ସମୃଦ୍ଧି କାମନା କରିଛନ୍ ।

ଗଜପତି ମହାରାଜ୍ - ନୂଆଁ ଅଙ୍କ ମୁଲ୍    ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁଦୋ ମାସର୍ ଉଜଲ୍ ପଖର୍ ଦ୍ୱାଦଶୀ ତିଥିଥି ଗଲାକାଏଲ୍ ପୁରୀ ଶ୍ରୀନଅର ନ ସୁନିଆଁ ପରବ୍ ପାଲନ୍ ସଙ୍ଗେ ଗଜପତି ମହାରାଜ୍ ଦିବ୍ୟସିଂହ ଦେବଙ୍କର୍ ରାଜୁତିର୍ ନୂଆଁ ଅଙ୍କ ମୁଲ୍ ହେଇଛେ । ଗଜପତି ମହାରାଜ୍‌ଙ୍କର୍ ରାଜୁତିର୍ ୧୪ ଶହ ୩୨ ସାଲ୍ ଆର୍ ୬୮ ଅଙ୍କର ସୁବର୍ଣ୍ଣ ମୁଦ୍ରା ପ୍ରତୀକ୍ ଭାବେ ପ୍ରଚଲନ୍ କରାଯାଇଛେ । ଇ ଅବ୍‌ସରେ ରାଜ୍‌ଗୁରୁମାନେ ଗଜପତି ମହାରାଜଙ୍କୁ ଆଶିର୍ବାଦ୍ କରିଥିଲେ । ସେନ୍ତା ଗଲାକାଏଲ୍ ପୁରୀ ଶ୍ରୀମନ୍ଦିର୍ ନ ବାମନ ଜନ୍ମ ନୀତି ପାଲନ୍ ସଙ୍ଗେ ମାହାପୁରୁଙ୍କୁ ନୂଆଁ ପଏତା ଲାଗି କରାଯାଇଛେ ।

ବିକାଶ୍ ମେଲା    ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ସବୁ ଜିଲ୍ଲା ନ ଆଏବା ୧୯ ନୁ ୨୨ ତାରିଖ୍‌ତକ୍ ବିକାଶ୍ ମେଲା ଆୟୋଜନ୍ କରାଯିବା । ଇଥି ରାଜ୍ୟ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ କଲ୍ୟାଣ୍‌କାରୀ ଯୋଜ୍‌ନା ସାଙ୍ଗେ ଶହେ ଦିନର୍ ବିଭାଗୀୟ କାର୍ଯ୍ୟକଲାପ ଆର୍ ସଫଲତା ବିଷେ ପ୍ରଚାର୍ ପ୍ରସାର୍ ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା ୧୯ ତାରିଖ୍ ଦିନ ପୁରୀନୁ ଇ ମେଲାର୍ ଉଦ୍‌ଘାଟନ୍ କର୍‌ବେ । ଇ ମେଲାଥି ଭିନ୍ ଭିନ୍ ବିଭାଗ୍‌ର ୫୦ ଟା ଷ୍ଟଲ୍ ସାମିଲ୍ ହେବାର୍‌କେ ଥିବାର୍ ବେଲେ ୨୫ ହଜାର୍‌ନୁ ଅଏତ୍‌କା ଲୋକ୍ ଯୋଗ୍ ହେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍ ସମ୍ବଲପୁର ସମ୍ବାଦଦାତା

ଉପର୍‌ମୁଣ୍ଡୁ ପାଏନ୍ ଆସ୍‌ବାର୍‌ଟା କମ୍‌ବାର୍‌ନୁ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଆଉ ୪ ଟା ଗେଟ୍ ବନ୍ଦ୍ କରି ଦିଆଯାଇଛେ । ଏଛେନ୍ ଡେମ୍‌ନୁ ୨ ଟା ଗେଟ୍ ଦେଇକରି ଫି ସେକେଣ୍ଡ୍‌ଥି ୩୨ ହଜାର୍ ୬ ଶହ ୨ ଘନଫୁଟ୍ ପାଏନ୍ ମହାନଦୀକେ ଛଡ଼ାଯାଉଛେ । ଡେମ୍‌କେ ଫି ସେକେଣ୍ଡ୍‌ଥି ୮୫ ହଜାର୍ ୭ ଶହ ୫୪ ଘନଫୁଟ୍ ପାଏନ୍ ଢୁକୁଥିବାର୍ ବେଲେ ୨ ଟା ଗେଟ୍, ପାୱାର୍ ଚେନାଲ୍ ଆର୍ କେନାଲ୍‌ଥି ଡେମ୍‌ନୁ ଫି ସେକେଣ୍ଡ୍‌ଥି ୭୩ ହଜାର୍

୪୯ ଘନଫୁଟ୍ ପାଏନ୍ ଛଡ଼ାଯାଉଛେ । ସଖାଲର୍ ୬ ବଜେତକ୍ ହୀରାକୁଦ୍ ଜଲ୍ଭଣ୍ଡାର୍ ଜଲ୍ସ୍ତର୍ ୬ ଶହ ୨୮ ଦଶ୍ମିକ୍ ୧/୭ ଫୁଟ୍ ରହିଛେ ।

ପାଣିପାଗ ଆର୍ଏନ୍ୟୁ/ସମ୍ବଲପୁର

ବାଂଲାଦେଶ୍ ଆର୍ ଇତାକେ ଲାଗି କରି ଥିବା ଗାଙ୍ଗେୟ ପଶ୍ଚିମବଙ୍ଗ୍ ନ ସୃଷ୍ଟି ହେଇଥିବା ଗଭୀର ଅବପାତ ପ୍ରଭାବ୍ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଆଏଜ୍ ସୁନ୍ଦର୍ଗଡ଼୍, କେନ୍ଦୁଝର୍ ଆର୍ ବାଲେଶ୍ୱର୍ ନ ୭ ନୁ ୨୦ ସେଂଟିମିଟର୍ ତକ୍ ବର୍ଷା ହେଇପାରେ । ସେନ୍ତା ସମ୍ବଲ୍ପୁର୍, ଦେବ୍ଗଡ଼୍ ଆର୍ ଝାର୍ସୁଗୁଡ଼ା ସହେତେ ୧୧ ଟା ଜିଲ୍ଲା ନ ୭ ନୁ ୧୧ ସେଂଟିମିଟର୍ତକ୍ ବର୍ଷା ହେଇପାରେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛେ ।